# NATIONAL NEWS BULLETIN (ODIA)
## 27 April - 2024
## Morning Bulletin : 7.15 A.M.

************************************

## ମୁଖ୍ୟ ସମ୍ବାଦ

- ଦ୍ୱିତୀୟ ପର୍ଯ୍ୟାୟ ସାଧାରଣ ନିର୍ବାଚନରେ ଗତକାଲି  ୮୮ଟି ଲୋକସଭା ଆସନ ଲାଗି ଶାନ୍ତିଶୃଙ୍ଖଳାର ସହ ଭୋଟଗ୍ରହଣ କରାଯାଇଛି ।

– ସନ୍ଧ୍ୟା ୫ଟା ସୁଦ୍ଧା ହାରାହାରି ମତଦାନ ଥିଲା ୬୪ ପ୍ରତିଶତ ।

- ପଞ୍ଚମ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ଗତକାଲି ପ୍ରକାଶ ପାଇଲା ବିଜ୍ଞପ୍ତି ।

- ଭାରତ ଏକ ବିକଶିତ ଦେଶ ତଥା ବିଶ୍ୱର ନେତୃତ୍ୱ ନେବା ପଥରେ ଆଗେଇ ଚାଲିଛି ବୋଲି ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ମତବ୍ୟକ୍ତ କରିଛନ୍ତି ।

ଏବଂ

- ଆଜି ଆଇପିଏଲ୍‌ର ପ୍ରଥମ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ମୁକାବିଲା ହେବାକୁ ଥିବା ବେଳେ ଦ୍ୱିତୀୟ

ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ଓ ଲକ୍ଷ୍ନୌ ସୁପରଜ୍ୟାଣ୍ଟସ୍ ପରସ୍ପରକୁ ଭେଟିବେ ।

## ସେକେଣ୍ଡ ଫେଜ୍

ଦ୍ୱିତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ଲାଗି ଗତକାଲି ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଜାମ୍ମୁ କାଶ୍ମୀରରେ ଶାନ୍ତିଶୃଙ୍ଖଳାର ସହ ମତଦାନ ସମ୍ପନ୍ନ ହୋଇଛି । ଏହି ପର୍ଯ୍ୟାୟରେ ୮୮ଟି ଲୋକସଭା ନିର୍ବାଚନ ମଣ୍ଡଳୀରେ ମତଦାନ କରାଯାଇଛି । ସେଥିମଧ୍ୟରେ କେରଳର ୨୦ଟି ସଂସଦୀୟ ଆସନ, କର୍ଣ୍ଣାଟକର ୧୪ଟି, ରାଜସ୍ଥାନର ୧୩ଟି ଆସନ ଲାଗି ଭୋଟ୍ ଗ୍ରହଣ କରାଯାଇଛି । ସେହିପରି ଉତ୍ତରପ୍ରଦେଶ ଓ ମହାରାଷ୍ଟ୍ରର ୮ଟି ଲେଖାଏଁ ଆସନ ଲାଗି, ମଧ୍ୟପ୍ରଦେଶର ୬ଟି, ଆସାମ ଓ ବିହାରର ୫ଟି ଲେଖାଏଁ, ପଶ୍ଚିମବଙ୍ଗ ଓ ଛତିଶଗଡ଼ର ୩ଟି ଲେଖାଏଁ ଏବଂ ମଣିପୁର, ତ୍ରିପୁରା, ଜାମ୍ମୁ ଓ କାଶ୍ମୀରର ଗୋଟିଏ ଲେଖାଏଁ ସଂସଦୀୟ ଆସନ ଲାଗି ଏହି ଅବସରରେ ମତଦାନ ହୋଇଛି । ମଧ୍ୟପ୍ରଦେଶର ବେତୁଲ ସଂରକ୍ଷିତ ଆସନ ଲାଗି ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବି.ଏସ୍.ପି. ପ୍ରାର୍ଥୀଙ୍କର ପରଲୋକ ଯୋଗୁଁ ସେଠାରେ ଏହି ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଥିବା ମତଦାନକୁ ସ୍ଥଗିତ ରଖାଯାଇଛି । ତୃତୀୟ ପର୍ଯ୍ୟାୟରେ ଏହି ସଂସଦୀୟ ଆସନ ଲାଗି ଭୋଟ ଗ୍ରହଣ କରାଯିବ । ୮୮ଟି ଆସନ

ଲାଗି ଗତକାଲି ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିଥିଲା । ସନ୍ଧ୍ୟା ୫ଟା ସୁଦ୍ଧା ହାରାହାରି ମତଦାନ ୬୪ ପ୍ରତିଶତ ହୋଇଥିବା ଜଣାପଡ଼ିଛି । ଏହି ପର୍ଯ୍ୟାୟରେ ଆଉଟର ମଣିପୁର ଲୋକସଭା ନିର୍ବାଚନ ମଣ୍ଡଳୀରୁ ୪ ଜଣ ପ୍ରାର୍ଥୀଙ୍କ ସମେତ ମୋଟ୍ ୧ହଜାର ୨୦୨ ଜଣ ପ୍ରାର୍ଥୀଙ୍କର ଭାଗ୍ୟ ଗତକାଲି ଇ.ଭି.ଏମ୍. ମଧ୍ୟରେ ସିଲ୍ ହୋଇଯାଇଛି ।

ମତଦାନ ହୋଇଥିବା ରାଜ୍ୟ ତଥା କେନ୍ଦ୍ର ଶାସିତ ଅଞ୍ଚଳରେ ଥିବା ଆମ ସମ୍ବାଦଦାତାମାନଙ୍କର ରିପୋର୍ଟ ଅନୁଯାୟୀ ବିଭିନ୍ନ ବୁଥ୍‌ରେ ମତଦାନ ଲାଗି ଲମ୍ବା ଧାଡ଼ି ଦେଖିବାକୁ ମିଳିଥିଲା । ବିଶେଷ କରି ମହିଳା ଏବଂ ଯୁବବର୍ଗଙ୍କ ମଧ୍ୟରେ ନିଜର ମତାଧିକାର ସାବ୍ୟସ୍ତ କରିବା ଲାଗି ବିଶେଷ ଉତ୍ସାହ ପରିଲକ୍ଷିତ ହୋଇଥିଲା ।

ଛତିଶଗଡ଼ରେ କାଙ୍କେର୍, ମହାସମୁନ୍ଦ ଏବଂ ରାଜନନ୍ଦଗାଓଁ – ତିନୋଟି ସଂସଦୀୟ ନିର୍ବାଚନ ମଣ୍ଡଳୀରେ ସନ୍ଧ୍ୟା ୫ଟା ସୁଦ୍ଧା ପ୍ରାୟ ୭୩ ପ୍ରତିଶତ ମତଦାନ ହୋଇଥିବା ଜଣାଯାଇଛି ।

ସେହିଭଳି ଉତ୍ତରପ୍ରଦେଶରେ ଏହି ପର୍ଯ୍ୟାୟରେ ୮ଟି ଆସନ ଲାଗି ଶାନ୍ତଶୃଙ୍ଖଳାର ସହ ଭୋଟଗ୍ରହଣ ସମ୍ପନ୍ନ ହୋଇଛି । ସେଠାରେ ୫୨ ପ୍ରତିଶତ ମତଦାନ ହୋଇଥିବା ଜଣାଯାଇଛି । ସେଥିମଧ୍ୟରେ ଆମ୍ରୋହାଠାରେ ସର୍ବାଧିକ ୬୧ ଦଶମିକ୍ ୮/୯ ପ୍ରତିଶତ ଏବଂ ମଥୁରା

ଠାରେ ସର୍ବନିମ୍ନ ୪୬ ଦଶମିକ୍ ୯/୬ ପ୍ରତିଶତ ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିଛନ୍ତି ।

କର୍ଣ୍ଣାଟକର ୧୪ଟି ସଂସଦୀୟ ନିର୍ବାଚନ ମଣ୍ଡଳୀରେ ଶାନ୍ତିପୂର୍ଣ୍ଣ ଭାବେ ଗତକାଲି ମତଦାନ ଶେଷ ହୋଇଛି । ସନ୍ଧ୍ୟା ୫ଟା ସୁଦ୍ଧା ରାଜ୍ୟରେ ହାରାହାରି ଭୋଟ ହାର ୬୪ ଦଶମିକ୍ ୫/୫ ପ୍ରତିଶତ ଥିଲା । ତେବେ ସେଠାରେ ଗତକାଲି ଏକ ଦୁଃଖଦ ଘଟଣା ଘଟିଯାଇଛି । ଚାଲାକେରେ ତାଲୁକ୍ ଅନ୍ତର୍ଗତ ହାରାପାନାହାଲି ଗୋଲ୍ଲାରାହାଟି ବୁଥ୍‌ରେ ସହକାରୀ ପ୍ରିଜାଇଡିଂ ଅଧିକାରୀ ଭାବେ କାର୍ଯ୍ୟରତ ୫୮ ବର୍ଷ ବୟସ୍କ ୟୋଶୋ ଦାମା ଗତକାଲି ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଚିତ୍ରୋଦୁର୍ଗା ସ୍ଥିତ ହସ୍ପିଟାଲ୍‌କୁ ନିଆଯାଉଥିବା ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା ।

ଆସାମରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଅବସରରେ ୫ଟି ସଂସଦୀୟ ଆସନ ଲାଗି ଶାନ୍ତିଶୃଙ୍ଖଳାର ସହ ମତଦାନ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ ପ୍ରାୟ ୭୦ ଦଶମିକ୍ ୬/୮ ପ୍ରତିଶତ ମତଦାତା ନିଜର ମତାଧିକାର ସାବ୍ୟସ୍ତ କରିଛନ୍ତି ।

ଅନ୍ୟ ପକ୍ଷରେ କେରଳରେ ଏକକ ପର୍ଯ୍ୟାୟରେ ସମସ୍ତ ୨୦ଟି ସଂସଦୀୟ ଆସନ ଲାଗି ଗତକାଲି ମତଦାନ ହୋଇଛି । ସନ୍ଧ୍ୟା ୬ଟା ପରେ ବିଭିନ୍ନ ବୁଥ୍‌ରେ ଲାଇନ୍‌ରେ ଥିବା ଭୋଟରମାନଙ୍କୁ ନିଜର ମତାଧିକାର ସାବ୍ୟସ୍ତ କରିବାର ସୁଯୋଗ ଦିଆଯାଇଥିଲା । ସନ୍ଧ୍ୟା ୭ଟା

ସୁଦ୍ଧା ପ୍ରାୟ ୭୦ ପ୍ରତିଶତ ମତଦାନ ହୋଇଥିବା ଜଣାଯାଇଛି । ଏଥିସହିତ କେରଳ, ରାଜସ୍ଥାନ, ତ୍ରିପୁରା, ତାମିଲନାଡୁ, ସିକ୍କିମ୍, ମଣିପୁର, ମେଘାଳୟ, ନାଗାଲାଣ୍ଡ, ମିଜୋରାମ, ଅରୁଣାଚଳ ପ୍ରଦେଶ, ଉତ୍ତରପ୍ରଦେଶ, ପୁଡୁଚେରୀ, ଲାକ୍ଷାଦ୍ୱୀପ ଏବଂ ଆଣ୍ଡାମାନ ଓ ନିକୋବର ଦ୍ୱିପପୁଞ୍ଜରେ ଲୋକସଭା ନିର୍ବାଚନ ସମାପ୍ତ ହୋଇଥିବା ଜଣାଯାଇଛି ।

## ନାମଙ୍କନପତ୍ର

ପଞ୍ଚମ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ଗତକାଲି ବିଜ୍ଞପ୍ତି ପ୍ରକାଶ ପାଇବା ସହ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହୋଇଛି । ଏହି ପର୍ଯ୍ୟାୟରେ ୬ଟି ରାଜ୍ୟ ଓ ୨ଟି କେନ୍ଦ୍ରଶାସିତ ଅଞ୍ଚଳର ୪୯ଟି ଲୋକସଭା ଆସନ ପାଇଁ ନିର୍ବାଚନ ହେବ । ନାମାଙ୍କନ ଦାଖଲର ଶେଷଦିବସ ମଇ ମାସ ୩ ତାରିଖ ରହିଛି । ୨୦ ତାରିଖ ଦିନ ଏହି ପର୍ଯ୍ୟାୟ ପାଇଁ ଭୋଟଗ୍ରହଣ କରାଯିବ ।

## କ୍ୟାମ୍ପେନ୍

ଦେଶରେ ଗତକାଲି ଦ୍ୱିତୀୟ ପର୍ଯ୍ୟାୟରେ ନିର୍ବାଚନ ସମାପ୍ତ ହେବା ସହିତ ବାକି ପର୍ଯ୍ୟାୟ ନିର୍ବାଚନ ଲାଗି ପ୍ରଚାର କାର୍ଯ୍ୟ ସରଗରମ ହେଉଛି । ବିଭିନ୍ନ ରାଜନୈତିକ ଦଳର ବରିଷ୍ଠ ନେତୃବୃନ୍ଦ ବିଭିନ୍ନ ରାଜ୍ୟ ତଥା କେନ୍ଦ୍ର

ଶାସିତ ଅଞ୍ଚଳ ଗସ୍ତ କରି ନିଜ ନିଜ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରୁଛନ୍ତି । ଏହି ଅବସରରେ ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ପଶ୍ଚିମବଙ୍ଗର ମାଲଦା ଏବଂ ବିହାରର ମୁଙ୍ଗେର୍ ଓ ଆରାରିୟାରେ ପୃଥକ ପୃଥକ ଜନସମାବେଶକୁ ସମ୍ବୋଧନ କରିଛନ୍ତି ।

ମୁଙ୍ଗେର୍ ଠାରେ ଆୟୋଜିତ ଜନସମାବେଶରେ ଉଦ୍‌ବୋଧନ ଦେଇ ଶ୍ରୀ ମୋଦୀ ବିହାରରେ ଆର୍.ଜେ.ଡି. ଦଳକୁ ଆକ୍ଷେପ କରି କହିଛନ୍ତି, ରାଜ୍ୟରେ ଏହି ଦଳର ଜଙ୍ଗଲରାଜ ଯୋଗୁଁ ମୁଙ୍ଗେର ବିଶେଷ ଭାବେ ପ୍ରଭାବିତ ହୋଇଛି ।  ତେବେ ଜେ.ଡି.ୟୁ. ଏବଂ ବିଜେପି ନେତୃତ୍ୱାଧୀନ ଏନ୍.ଡି.ଏ. ସରକାରଙ୍କ ଅମଳରେ ଏହି ଅଞ୍ଚଳରେ ବିକାଶ ସମ୍ଭବ ହୋଇପାରିଛି । ଭାରତକୁ ରଣନୈତିକ ତଥା ଅର୍ଥନୀତି କ୍ଷେତ୍ରରେ ବିକଶିତ କରିବାକୁ ହେଲେ ଏହି ସାଧାରଣ ନିର୍ବାଚନରେ ବିଜେପିକୁ ବିପୁଳ ଭୋଟରେ ଜିତାଇବା ଲାଗି ଶ୍ରୀ ମୋଦୀ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି ।

ଅନ୍ୟ ପକ୍ଷରେ ବିରୋଧୀ ମେଣ୍ଟ ପକ୍ଷରୁ ଆଗାମୀ ତୃତୀୟ ଓ ଚତୁର୍ଥ ପର୍ଯ୍ୟାୟ ଲୋକସଭା ନିର୍ବାଚନ ଲାଗି ବିଭିନ୍ନ ସ୍ଥାନରେ ନିର୍ବାଚନୀ ର୍‌ୟାଲି ଓ ସଭାମାନ ମଧ୍ୟ ଆୟୋଜନ କରାଯାଉଛି । ସେହିଭଳି ତୃଣମୂଳ କଂଗ୍ରେସ ସଭାପତି ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଘାଟାଲ ସଂସଦୀୟ ନିର୍ବାଚନ ମଣ୍ଡଳୀରେ ଆୟୋଜିତ ଏକ ଜନସମାବେଶରେ ଉଦ୍‌ବୋଧନ ଦେଇ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଲାଗି କେନ୍ଦ୍ର

ସରକାର ରାଜ୍ୟକୁ ପାଣି ଯୋଗାଉ ନ ଥିବା ସମ୍ପର୍କରେ ଅଭିଯୋଗ କରିଛନ୍ତି ।

କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧି ମଧ୍ୟ କର୍ଣ୍ଣାଟକର ବିଜାପୁର ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଜୟପୁରା ଠାରେ ଅନୁଷ୍ଠିତ ଏକ ନିର୍ବାଚନ ର୍‍ୟାଲିରେ ଉଦ୍‌ବୋଧନ ଦେଇଛନ୍ତି । ଏହି ଅବସରରେ ଶ୍ରୀ ଗାନ୍ଧି କହିଛନ୍ତି, ଆଗାମୀ ନିର୍ବାଚନରେ ଯଦି ଇଣ୍ଡିଆ ମେଣ୍ଟ କ୍ଷମତାକୁ ଆସେ ତେବେ ପ୍ରତ୍ୟେକ ସ୍ନାତକଧାରୀ ଯୁବକଯୁବତୀଙ୍କୁ ଯେକୌଣସି ଘରୋଇ କମ୍ପାନୀ ବା ସରକାରୀ କାର୍ଯ୍ୟାଳୟରେ ଏକ ବର୍ଷ ଲାଗି ଆପ୍ରେଣ୍ଟିସ୍-ସିପ୍‌ର ବ୍ୟବସ୍ଥା କରାଇବେ । ଏଥିସହିତ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଏକ ବର୍ଷର ୧ଲକ୍ଷ ଟଙ୍କା ପ୍ରଦାନ କରିବା ସହିତ ଚାଷୀଙ୍କ ଋଣକୁ ଛାଡ଼ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

ମଧ୍ୟପ୍ରଦେଶର ଅଶୋକନଗର ଓ ରାଜଗଡ଼ ଲୋକସଭା ନିର୍ବାଚନ ମଣ୍ଡଳୀରେ ଆୟୋଜିତ ପୃଥକ ପୃଥକ ଜନସମାବେଶରେ ବିଜେପିର ବରିଷ୍ଠ ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଉଦ୍‌ବୋଧନ ଦେଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି । ସେହିଭଳି ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଅରୁଣ ଯାଦବ, କଂଗ୍ରେସ ରାଜ୍ୟସଭାପତି ତଥା ସାଂସଦ ଜିତୁ ପଟୱାରୀ, ରାଜ୍ୟସଭା ସାଂସଦ ବିବେକ ତାଙ୍ଖା ପ୍ରମୁଖ ଗତକାଲି ବୁର୍‌ହାନପୁର ଠାରେ ଆୟୋଜିତ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଇ ବେରୋଜଗାରୀ ଏବଂ ମୁଦ୍ରାସ୍ଫିତି ଭଳି ମୌଳିକ ସମସ୍ୟାକୁ ବିଜେପି ଅଣଦେଖା କରୁଛି ବୋଲି ଅଭିଯୋଗ କରିଛନ୍ତି ।

ଉତ୍ତରପ୍ରଦେଶରେ ମଧ୍ୟ ପରବର୍ତ୍ତୀ ପର୍ଯ୍ୟାୟ ନିର୍ବାଚନ ଲାଗି ପ୍ରଚାର ଜୋର୍ ଧରିଛି । ଏହି ଅବସରରେ ବିଜେପିର ବରିଷ୍ଠ ନେତା ନରେନ୍ଦ୍ର ମୋଦୀ ବରେଲି ଜିଲ୍ଲାରେ ଏକ ରୋଡ୍ ଶୋ'ରେ ଅଂଶଗ୍ରହଣ କରିଥିଲେ । ଏହି ରୋଡ୍ ଶୋ'ରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ଉପସ୍ଥିତ ଥିଲେ । ପୂର୍ବରୁ ଯୋଗୀ ଆଦିତ୍ୟନାଥ ସମ୍ଭାଲ ଠାରେ ଆୟୋଜିତ ଏକ ରାଜନୈତିକ ର୍‍ୟାଲିକୁ ଉଦ୍‌ବୋଧନ ଦେଇ କଂଗ୍ରେସ ଦଳର ତୁଷ୍ଟିକରଣ ନୀତିକୁ ସମାଲୋଚନା କରିଥିଲେ ।

# ଉପରାଷ୍ଟ୍ରପତି

ଭାରତ ଏକ ବିକଶିତ ଦେଶ ତଥା ବିଶ୍ୱର ନେତୃତ୍ୱ ନେବା ପଥରେ ଆଗେଇ ଚାଲିଛି ବୋଲି ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ମତବ୍ୟକ୍ତ କରିଛନ୍ତି । ଗତକାଲି ହାଇଦ୍ରାବାଦ୍ ସ୍ଥିତ ଭାରତ ବାୟୋଟେକ୍ ଠାରେ ବୈଜ୍ଞାନିକମାନଙ୍କୁ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀ ଧନଖଡ଼ କହିଛନ୍ତି, ସମଗ୍ର ବିଶ୍ୱର କଲ୍ୟାଣ ଲାଗି ଭାରତର ମାନବ ସମ୍ବଳର ଅତୁଳନୀୟ ଅବଦାନ ଯୋଗୁଁ ଭାରତ ଏବେ ଏକ ମହାଶକ୍ତି ଭାବେ ଉଭା ହୋଇଛି । କର୍ପୋରେଟ୍ ଜଗତର ପ୍ରତିଷ୍ଠିତ ଶିଳ୍ପପତିମାନେ ଏହି ଅବସରରେ ଦେଶର ବିକାଶ ଲାଗି ଉଦ୍ଦିଷ୍ଟ ଗବେଷଣା କାର୍ଯ୍ୟକୁ ସମର୍ଥନ ତଥା ସହାୟତା କରିବା ଲାଗି ଉପରାଷ୍ଟ୍ରପତି ଆହ୍ୱାନ ଦେଇଛନ୍ତି ।

ଏଥିସହିତ ଏ ଦିଗରେ କାର୍ଯ୍ୟରତ ଜାତୀୟସ୍ତରୀୟ ପ୍ରତିଷ୍ଠାନ ଗୁଡ଼ିକ ସାମୂହିକ ଭାବେ ମୌଳିକଢାଞ୍ଚାଗତ କ୍ଷେତ୍ରକୁ ଉନ୍ନତ କରିବା ଲାଗି କାର୍ଯ୍ୟ କରିବାକୁ ଶ୍ରୀ ଧନଖଡ଼ ପରାମର୍ଶ ଦେଇଛନ୍ତି ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଗତକାଲି କୋଲକାତାର ଇଡେନ୍‌ଗାର୍ଡେନ୍ ଠାରେ ଅନୁଷ୍ଠିତ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗସ୍ କୋଲକାତା ନାଇଟ୍ ରାଇଡର୍ସ୍‌କୁ ୮ୱିକେଟ୍‌ରେ ପରାସ୍ତ କରିଛି । ପଞ୍ଜାବ କିଙ୍ଗସ୍ ଟସ୍ ଜିତି ପ୍ରଥମେ ବୋଲିଂ କରିବାର ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରି କୋଲକାତା ନାଇଟ୍ ରାଇଡର୍ସ୍ ନିର୍ଦ୍ଧାରିତ ୨୦ ଓଭରରେ ୬ୱିକେଟ୍ ହରାଇ ୨୬୧ରନ୍ କରିଥିଲା । ଦଳ ପକ୍ଷରୁ ଫିଲ୍ ସଲ୍ଟ ୩୭ଟି ବଲ୍‌ରୁ ସର୍ବାଧିକ ୭୫ରନ୍ କରିଥିବା ବେଳେ ସୁନୀଲ ନାରିନ୍ ୩୨ଟି ବଲ୍‌ରୁ ୭୧ରନ୍ ସଂଗ୍ରହ କରିଥିଲେ । ପଞ୍ଜାବ କିଙ୍ଗସ୍ ପକ୍ଷରୁ ଅର୍ସଦୀପ ସିଂହ ଦୁଇଟି ୱିକେଟ୍ ନେଇଥିବାବେଳେ ସାମ୍ କରନ୍, ହର୍ଷଲ ପଟେଲ୍ ଓ ରାହୁଲ ଚହର୍ ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ ।

୨୬୨ରନ୍ ବିଜୟ ଲକ୍ଷ୍ୟର ପିଛା କରି ପଞ୍ଜାବ କିଙ୍ଗସ୍ ୧୮ଓଭର୍ ୪ଟି ବଲ୍‌ରେ ୨ଟି ୱିକେଟ୍ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ଜନି ବେୟାର୍‌ଷ୍ଟୋ ସର୍ବାଧିକ ୧୦୮ରନ୍ କରି ଅପରାଜିତ

ରହିଥିଲେ । ସେହିଭଳି ସଶାଙ୍କ ସିଂହ ୬୮ରନ୍ କରି ଶେଷ ପର୍ଯ୍ୟନ୍ତ ଆଉଟ୍ ହୋଇନଥିଲେ ।

ଆଜି ଆଇପିଏଲ୍‌ରେ ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହେବ । ଅପରାହ୍ନ ୩ଟା ୩୦ ମିନିଟ୍‌ରେ ଦିଲ୍ଲୀ ଠାରେ ଅନୁଷ୍ଠିତ ହେବାକୁ ଥିବା ପ୍ରଥମ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ମୁକାବିଲା ହେବ । ସେହିଭଳି ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଲକ୍ଷ୍ନୌ ଠାରେ ରାଜସ୍ଥାନ ରୟାଲ୍ସ ଓ ଲକ୍ଷ୍ନୌ ସୁପରଜ୍ୟାଣ୍ଟସ୍ ପରସ୍ପରକୁ ଭେଟିବେ ।